## ସଂକ୍ଷେପରେ

### ୯୯ ପଜିଟିଭ୍ ଚିହ୍ନଟ

**ଅନୁଗୋଳ ଅଫିସ, ୪।୭:** ଅନୁଗୋଳ ଜିଲାରୁ ରବିବାର ୯୯ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ପଜିଟିଭ୍ ସଂଖ୍ୟା ୪୧ ହଜାର ୧୩୮ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଅନୁଗୋଳ ବ୍ଲକରୁ ସର୍ବାଧିକ ୧୬ ଜଣ ଥିବାବେଳେ ତାଳଚେର ବ୍ଲକରୁ ୧୪ ଜଣ, ବଣଁରପାଳ ବ୍ଲକରୁ ୧୩, ଛେଣ୍ଡିପଦା ବ୍ଲକରୁ ୧୨, ଆଠମଲ୍ଲିକ ବ୍ଲକରୁ ୧୧, ଅନୁଗୋଳ ପୌରାଞ୍ଚଳରୁ ୧୦, କଣିହାଁ ବ୍ଲକରୁ ୯, ତାଳଚେର ପୌରାଞ୍ଚଳରୁ ୬, କିଶୋରନଗର ବ୍ଲକରୁ ୫ ଓ ପାଲଲହଡ଼ା ବ୍ଲକରୁ ୩ ଜଣ ରହିଛନ୍ତି। ଅନ୍ୟପକ୍ଷରେ ଜିଲାରୁ ଦିନକରେ ୧୯୩ ଜଣ କରୋନାରୁ ସୁସ୍ଥ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ସେହିପରି ରବିବାର ଜିଲାରେ ୩ ଜଣଙ୍କ କରୋନାରେ ମୃତ୍ୟୁ ହୋଇଛି। ଏହାକୁ ମିଶାଇ ଜିଲାରେ ମୋଟ୍ ମୃତକଙ୍କ ସଂଖ୍ୟା ୧୮୨ ହୋଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି।

### ଚାଳକଙ୍କ ଉପରେ ଚଢ଼ିଗଲା ଟ୍ରକ୍

**ବଇଣ୍ଡା,୪।୭(ଡି.ଏନ.ଏ.):** କଟକ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥ ହଣ୍ଡପା ଥାନା କମରେଇ ନିକଟରେ ରବିବାର ଏକ ଟ୍ରକ୍ ତଳେ ଚାପି ହୋଇ ଚାଳକଙ୍କ ମୃତ ହୋଇଛି। ସେ ହେଲେ ଉତ୍ତରପ୍ରଦେଶ ଅଞ୍ଚଳର ପ୍ରବୀଣ ଯାଦବ (୨୩)। ପୋଲିସ କହିଛି, ପ୍ରବୀଣ ଏକ ଗ୍ୟାସ୍ ବୋଝେଇ ଟ୍ରକ୍ ନେଇ ପାରାଦୀପରୁ ସମ୍ବଲପୁର ଅଭିମୁଖେ ଆସୁଥିବାବେଳେ କମରେଇ ନିକଟରେ ଗାଡ଼ିଟି ଖରାପ ହୋଇଯାଇଥିଲା। ପ୍ରବୀଣ ଟ୍ରକ୍ ତଳେ କାମ କରୁଥିବାବେଳେ ଚକା ଗଡ଼ିଯିବାରୁ ଚାପି ହୋଇ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ହଣ୍ଡପା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ଏ ନେଇ ନଂ. ୧୬୦/୨୧ ରେ ଏକ ମାମଲା ରୁଜୁ ହୋଇଛି।

### ବଳାତ୍କାର ଉଦ୍ୟମ, ଅଭିଯୁକ୍ତ ଗିରଫ

**ଛେଣ୍ଡିପଦା,୪।୭(ସ୍ୱ.ପ୍ର.):** ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ ଅଭିଯୋଗରେ ପୋଲିସ ଶନିବାର ଅଭିଯୁକ୍ତ ଅବିନ ନାଏକଙ୍କୁ ଗିରଫ କରିଛି। ପୋଲିସ କହିଛି, ପୂର୍ବାହ୍ନ ୯ଟା ବେଳେ ନାବାଳିକା ଜଣକ ନଦୀକୁ ଗାଧୋଇବାକୁ ଯାଉଥିଲେ। ଏକୁଟିଆ ଦେଖି ଅଭିଯୁକ୍ତ ଅବିନ ତାଙ୍କୁ ଅଶ୍ଳୀଳ ଇଙ୍ଗିତ କରିଥିଲେ। ପରେ ତାଙ୍କୁ ବଳାତ୍କାର ପାଇଁ ଉଦ୍ୟମ କରିବାରୁ ନାବାଳିକା ଜଣକ ପାଟି କରିଥିଲେ। ଭୟରେ ଅଭିଯୁକ୍ତ ଘଟଣାସ୍ଥଳରୁ ପଳାଇ ଯାଇଥିଲେ। ଏ ସମ୍ପର୍କରେ ନାବାଳିକା ଘର ଲୋକଙ୍କୁ କହିବା ପରେ ସେମାନେ ଛେଣ୍ଡିପଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ନଂ. ୩୧୬/୨୧ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ ପରେ ରବିବାର କୋର୍ଟଚାଲାଣ କରିଛି।

### ଶାଳିଆପତନି ଗିଳି ନାଗ ମଲା



**ଅନୁଗୋଳ ଅଫିସ,୪।୭:** ବଡ଼ ଶାଳିଆପତନିକୁ ଗିଳି ଦେବାରୁ ଏକ ୫ ଫୁଟିଆ ନାଗ ସାପର ମୃତ୍ୟୁ ହୋଇଛି। ରବିବାର ଏହି ଘଟଣା ଘଟିଛି ଅନୁଗୋଳ ସହର ନିକଟସ୍ଥ କାଣ୍ଡସର ଗ୍ରାମରେ। ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଗାଁ ସ୍କୁଲ ସାହିର କେତେଜଣ ଯୁବକ ଏକ ନାଗ ସାପ କିଛି ଗୋଟେ ଗିଳୁଥିବା ଦେଖିଥିଲେ। ପ୍ରଥମେ ସେମାନେ ତାହା ଏକ ବିଲେଇ ବୋଲି ଭାବିଥିଲେ। ଏ ନେଇ ଯୁବକମାନେ ସର୍ପମିତ୍ର ଆଦିତ୍ୟ ବେହେରାଙ୍କୁ ଜଣାଇଥିଲେ। ସର୍ପମିତ୍ର ବେହେରା ଓ ସାଥୀ ବିଜୁ ଭୋଇ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ସାପଟି ନିଶ୍ଚଳ ଅବସ୍ଥାରେ ପଡ଼ିରହିଥିଲା। ପେଟଟି ଖୁବ ଜୋରରେ ଫୁଲିଯାଇଥିଲା। ସର୍ପମିତ୍ର ବେହେରା ଘଟଣା ସମ୍ପର୍କରେ ଅନୁଗୋଳ ବନାଞ୍ଚଳ ଅଧିକାରୀ ସତ୍ୟବ୍ରତ ପ୍ରଧାନଙ୍କୁ ଯୋଗାଯୋଗ କରିଥିଲେ। ବନାଞ୍ଚଳ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ସେମାନେ ସାପଟିକୁ ତାଙ୍କ କାର୍ଯ୍ୟାଳୟକୁ ନେଇଥିଲେ। ବନରକ୍ଷୀ ଲିଙ୍ଗରାଜ ଦେହୁରୀ ଓ ସର୍ପମିତ୍ର ଆଦିତ୍ୟ ବେହେରାଙ୍କ ଉପସ୍ଥିତିରେ ପ୍ରାଣୀ ଚିକିତ୍ସକ ଡା. ଦେବାଶିଷ ତ୍ରିପାଠୀ ସାପଟିର ମୃତ୍ୟୁ ହୋଇଥିବା କହିବା ସହ ତାହାର ବ୍ୟବଚ୍ଛେଦ କରିଥିଲେ। ସାପ ପେଟ ଭିତରୁ ଏକ ବଡ ଶାଳିଆପତନି ବାହାର କରାଯାଇଥିଲା। ଖାଦ୍ୟର ଆକାର ବଡ଼ ହୋଇଥିବାରୁ ନାଗର ପାକସ୍ଥଳୀ ଓ ଫୁସଫୁସ ଉପରେ ଅଧିକ ଚାପ ପଡ଼ିଥିଲା। ଫଳରେ ନାଗଟିର ପ୍ରାଣ ଯାଇଥିବା ପ୍ରାଣୀ ଚିକିତ୍ସକ ଡା. ତ୍ରିପାଠୀ କହିଛନ୍ତି।

# ନିଯୁକ୍ତି ସତ୍ତ୍ୱେ ନିଅଣ୍ଟ

**ବଇଣ୍ଡା,୪।୭ (ପରିକ୍ଷିତ ସାହୁ)**



ବଇଣ୍ଡା ମେଡିକାଲ

- ସରକାର ପଠାଇଥିଲେ ୭ ନୂଆ ଡାକ୍ତର
- ୩ ଯୋଗଦେଲେ, ୪ ଆସିବାକୁ ଅମଙ୍ଗ
- ଆଠମଲ୍ଲିକ ଉପଖଣ୍ଡରେ ସ୍ୱାସ୍ଥ୍ୟସେବାକୁ ଅବହେଳା

ଅନୁଗୋଳ ଜିଲା ଆଠମଲ୍ଲିକ ଉପଖଣ୍ଡରେ ୨୭ ଡାକ୍ତର ପଦବୀ ଖାଲି ଥିଲା। କରୋନା ସମୟରେ ଏତେ ସଂଖ୍ୟକ ଡାକ୍ତର ନଥିବା ଯୋଗୁ ଆଠମଲ୍ଲିକ ଓ କିଶୋରନଗର ବ୍ଲକରେ ସ୍ୱାସ୍ଥ୍ୟସେବା ଗୁରୁତର ପ୍ରଭାବିତ ହୋଇଥିଲା। ଏ ନେଇ ବାରମ୍ବାର ଦାବି ପରେ ରାଜ୍ୟ ସରକାର ଆଠମଲ୍ଲିକ ଉପଖଣ୍ଡର ବିଭିନ୍ନ ଚିକିତ୍ସାଳୟରେ ୭ ଜଣ ନୂଆ ଡାକ୍ତରଙ୍କୁ ନିଯୁକ୍ତି ଦେଇଥିଲେ। ଏ ନେଇ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚିଠି ନମ୍ବର ୧୬୩୬୨ ତା ୦୩।୦୬।୨୦୨୧ରେ ଜିଲା କର୍ତ୍ତୃପକ୍ଷଙ୍କୁ ଜଣାଇ ଦିଆଯାଇଥିଲା। ହେଲେ ନବନିଯୁକ୍ତ ଡାକ୍ତରଙ୍କ ମଧ୍ୟରୁ ମାତ୍ର ୩ ଜଣ କାର୍ଯ୍ୟରେ ଯୋଗ ଦେଇଥିବା ବେଳେ ୪ ଜଣ ଆସିବାକୁ ଅମଙ୍ଗ ହେଉଥିବା ସୂଚନା ମିଳିଛି। ଫଳରେ ୨୪ ଡାକ୍ତର ପଦବୀ ଖାଲି ପଡ଼ିଥିବାରୁ ଆଠମଲ୍ଲିକ ଉପଖଣ୍ଡ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନିଅଣ୍ଟିଆ ପରିସ୍ଥିତି ଲାଗି ରହିଛି।

ଉପଖଣ୍ଡର ମୋଟ୍ ୯ଟି ମେଡିକାଲ ମଧ୍ୟରୁ କେବଳ ଆଠମଲ୍ଲିକ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୬ରୁ ୯ଟି ଡାକ୍ତର ପଦବୀ ଖାଲି ପଡ଼ିଥିଲା। ନୂଆ ନିଯୁକ୍ତି ପରେ ଏଠାରେ ଜଣେ ଡାକ୍ତର କାର୍ଯ୍ୟରେ ଯୋଗ ଦେଇଛନ୍ତି। ଏବେ ବି ୮ଟି ପଦବୀ ଡାକ୍ତରଶୂନ୍ୟ ରହିଛି। ସେହିପରି ମାଧପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୮ରୁ ୬ ପଦବୀରେ ଡାକ୍ତର ନ ଥିଲେ। ଏଠାରେ ସରକାର ୩ ଜଣ ନୂଆ ଡାକ୍ତରଙ୍କୁ ନିଯୁକ୍ତି ଦେଇଥିବା ଘୋଷଣା କରିଥିଲେ। ସେମାନଙ୍କ ମଧ୍ୟରୁ ୨ଜଣ ଯୋଗ ଦେଇଛନ୍ତି। ଏବେ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୪ ପଦବୀ ଫାଙ୍କା ପଡ଼ିଛି। କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୮ ଡାକ୍ତରଙ୍କ ଆବଶ୍ୟକତା ଥିବାବେଳେ ୨ ଜଣ ଡାକ୍ତର କାର୍ଯ୍ୟ କରୁଛନ୍ତି। ୬ ଖାଲି ପଦବୀରେ ଆଦୌ ଡାକ୍ତର ନିଯୁକ୍ତ କରାଯାଇ ନାହିଁ। ବଇଣ୍ଡା, ହଣ୍ଡପା, ଅଙ୍ଗପଡା, ପତାକା, ପାଇକସାହି ଓ ଠାକୁରଗଡ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଗୋଟିଏ ଲେଖାଏ ଡାକ୍ତର ପଦବୀ ଫାଙ୍କା ପଡ଼ିଛି। ଏଥିମଧ୍ୟରୁ ପତାକା, ପାଇକସାହି ଓ ବଇଣ୍ଡା ମେଡିକାଲରେ ଜଣେ ଲେଖାଏ ଡାକ୍ତରଙ୍କୁ ନୂଆ ନିଯୁକ୍ତି ଦିଆଯାଇଥିଲା। କିନ୍ତୁ ନବନିଯୁକ୍ତ ଡାକ୍ତରମାନେ ଏଠାରେ ଯୋଗ ଦେଇନାହାନ୍ତି। ତେଣୁ ଏଠାରେ ଥିବା ଡାକ୍ତରଙ୍କ ଶୂନ୍ୟସ୍ଥାନ ପୂରଣ ହୋଇପାରି ନାହିଁ। ହଣ୍ଡପା ମେଡିକାଲରେ ଏକ ଶବ ବ୍ୟବଚ୍ଛେଦ କେନ୍ଦ୍ର ଥିବାବେଳେ ଡାକ୍ତର ନାହାନ୍ତି। ଫଳରେ ୩୦ କିଲୋମିଟର ଦୂର କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଡାକ୍ତର ଆସିଲେ ଶବ ବ୍ୟବଚ୍ଛେଦ କରାଯାଉଛି। ତୁରନ୍ତ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକରେ ଡାକ୍ତର ନିଯୁକ୍ତ କରା ନ ଗଲେ ଆଗାମୀ ଦିନରେ ବଡ ଧରଣର ଆନ୍ଦୋଳନ କରାଯିବ ବୋଲି ଉପଖଣ୍ଡବାସୀ ଚେତାବନୀ ଦେଇଛନ୍ତି।

### ୧୫ ହଜାର ଲୋକ ବଞ୍ଚିତ



“ପତାକା ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ପଦବୀ ଖାଲି ପଡିଛି। ଏହି ଡାକ୍ତରଖାନା ଉପରେ ୩ଟି ପଞ୍ଚାୟତର ୧୫ ହଜାରରୁ ଅଧିକ ଲୋକ ନିର୍ଭର କରନ୍ତି। ଦୀର୍ଘଦିନ ପରେ ସରକାର ଡାକ୍ତର ନିଯୁକ୍ତି ଦେଇଥିଲେ। ହେଲେ ସମ୍ପୃକ୍ତ ଡାକ୍ତର ଯୋଗଦେଲେ ନାହିଁ। ଫଳରେ ଅଞ୍ଚଳବାସୀ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଛନ୍ତି।

-ପ୍ରଦୀପ ପ୍ରଧାନ, ପତାକା

### ଜୀବନ ରକ୍ଷା ଦିଗରେ ଅବହେଳା



“ବଇଣ୍ଡା ଓ ହଣ୍ଡପା ମେଡିକାଲରେ ୨ ବର୍ଷ ହେବ ଡାକ୍ତର ନାହାନ୍ତି। ୫୫ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଏହି ମେଡିକାଲ ଥିବାରୁ ଦୁର୍ଘଟଣାଗ୍ରସ୍ତ ଲୋକଙ୍କୁ ପ୍ରାଥମିକ ଚିକିତ୍ସା ପାଇଁ ଏଠାକୁ ଅଣାଯାଏ। ହେଲେ ଡାକ୍ତର ନ ଥିବାରୁ ସେମାନଙ୍କ ଜୀବନ ରକ୍ଷା ଦିଗରେ ତ୍ୱରିତ ପଦକ୍ଷେପ ନିଆଯାଇ ପାରୁନାହିଁ।

-ସନ୍ତୋଷ ଦେହୁରୀ, ବଇଣ୍ଡା

### ପାଇକସାହିରେ ନିରାଶା



“ପାଇକସାହି ଏକ ଜଙ୍ଗଲ ଅଧୁଷିତ ଅଞ୍ଚଳ। ତେଣୁ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅବହେଳିତ ଏଠାକାର ଲୋକଙ୍କୁ ପ୍ରାଥମିକ ଚିକିତ୍ସା ଯୋଗାଇ ଦେବାକୁ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପନ କରାଯାଇଥିଲା। ଦୀର୍ଘଦିନ ପରେ ଡାକ୍ତର ନିଯୁକ୍ତି ଘୋଷଣା ଅଞ୍ଚଳବାସୀଙ୍କୁ ଖୁସି କରିଥିଲା। କିନ୍ତୁ ସମ୍ପୃକ୍ତ ଡାକ୍ତର ଯୋଗ ଦେଲେ ନାହିଁ।

- ଜଟାଧାରୀ ମୁଦୁଲି, ପାଇକସାହି

### ଚିକିତ୍ସା ଅପେକ୍ଷାରେ ୮ ପଞ୍ଚାୟତବାସୀ



“ଠାକୁରଗଡ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ୮ଟି ପଞ୍ଚାୟତବାସୀ ନିର୍ଭର କରୁଛନ୍ତି। ଦୀର୍ଘ ବର୍ଷ ହେବ ଏଠାରେ ଡାକ୍ତର ପଦବୀ ଖାଲି ପଡିଛି। ଏ ନେଇ ଗ୍ରାମବାସୀ ଓ କ୍ଲବ ପକ୍ଷରୁ ବାରମ୍ବାର ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ହେଲେ କୌଣସି ସୁଫଳ ମିଳୁନାହିଁ। ଏ ନେଇ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଅବଗତ କରାଯାଇଛି।

-ସୁନୀଲ କୁମାର ସାହୁ, ସଭାପତି, ଠାକୁରଗଡ ୟୁଥ୍ ପାୱାର କ୍ଲବ

### ପ୍ରତିଶ୍ରୁତି ପୂରଣ ହେଲାନି



“କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୬ ଡାକ୍ତର ପଦବୀ ଖାଲି ପଡିଛି। ଏ ନେଇ ଜୀବନ ଜୀବିକା ଓ କୃଷି ଜମି ସୁରକ୍ଷା କମିଟି ପକ୍ଷରୁ ଆନ୍ଦୋଳନ କରାଯାଇଛି। ଖାଲି ପଡିଥିବା ପଦବୀରେ ଶୀଘ୍ର ଡାକ୍ତର ନିଯୁକ୍ତ କରାଯିବ ବୋଲି ପ୍ରତିଶ୍ରୁତି ମିଳିଥିଲା। ହେଲେ ତାହା ପୂରଣ ହେଲାନାହିଁ।

-ରମଣୀ ରଞ୍ଜନ ପ୍ରଧାନ, କିଶୋରନଗର

### ସରକାରଙ୍କୁ ଚିଠି କରାଯାଇଛି



“ସରକାର ୭ ଜଣ ନୂଆ ଡାକ୍ତର ନିଯୁକ୍ତି ଦେଇଛନ୍ତି। କେତେଜଣ ଜଏନ କରିସାରିଛନ୍ତି। ଆଠମଲ୍ଲିକ ଉପଖଣ୍ଡରେ ଖାଲି ପଡିଥିବା ପଦବୀ ପୂରଣ ପାଇଁ ସରକାରଙ୍କୁ ଚିଠି ମାଧ୍ୟମରେ ଅବଗତ କରାଯାଇଛି। ସରକାର ଅଧିକ ଡାକ୍ତର ନିଯୁକ୍ତି ବ୍ୟବସ୍ଥା କଲେ ସମସ୍ୟା ଦୂର ହୋଇପାରିବ।

-ଡା. ତ୍ରିଲୋଚନ ପ୍ରଧାନ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଅନୁଗୋଳ

## ମହିଳାଙ୍କୁ ପିଟି ମାରିଦେଲେ

### ସମ୍ପର୍କୀୟ ୩ ଜଣଙ୍କୁ ଗିରଫ କଲା ପୋଲିସ

**ବଣଁରପାଳ,୪।୭(ଡି.ଏନ.ଏ.)**

ଜମି ଭାଗବଣ୍ଟାକୁ ନେଇ ଜଣେ ମହିଳାଙ୍କୁ ପିଟି ପିଟି ମାରି ଦେଇଛନ୍ତି ତାଙ୍କ ସମ୍ପର୍କୀୟ। ଏପରି ଅଭାବନୀୟ ଘଟଣା ଘଟିଛି ଅନୁଗୋଳ ଜିଲା ବଣଁରପାଳ ଥାନା ତୁଳସୀପାଳ ପଞ୍ଚାୟତ ଲଙ୍ଗୁଳିଆବେଡା ଗ୍ରାମରେ। ଅଭିଯୋଗ ପାଇ ପୋଲିସ ଏକ ମାମଲା ରୁଜୁ କରିବା ସହ ୩ ସମ୍ପର୍କୀୟଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଛି। ଏ ନେଇ ଅଧିକ ତଦନ୍ତ ଚାଲିଥିବା ଥାନା ଅଧିକାରୀ ନରେଶ କୁମାର ସାହୁ ପ୍ରକାଶ କରିଛନ୍ତି। ପୋଲିସ କହିଛି, ଲଙ୍ଗୁଳିଆବେଡା ଗ୍ରାମର ଉର୍ମିଳା ବିଶ୍ୱାଳ (୪୦) ବାପାଙ୍କ ଘର ଓ ଜମିରୁ ଭାଗ ନେବାକୁ ଚାହୁଁଥିଲେ। ଏ ନେଇ ଭାଇ ହରିଶ ଚନ୍ଦ୍ର ବିଶ୍ୱାଳଙ୍କ ସହ ତାଙ୍କର ମନୋମାଳିନ୍ୟ ହୋଇଥିଲା। ଗତମାସ ୨୮ ତାରିଖରେ ଭଦ୍ରଲୋକଙ୍କୁ ନେଇ ଏକ ବୈଠକ ଡକାଯାଇଥିଲା। ଉକ୍ତ ବୈଠକରେ ତାଙ୍କ ବଡ ଭଉଣୀ ମଧ୍ୟ ଯୋଗ ଦେଇଥିଲେ। ହେଲେ ଭଦ୍ର ଲୋକଙ୍କ ନିଷ୍ପତ୍ତିକୁ ଉଭୟ ପକ୍ଷ ଗ୍ରହଣ କରି ନ ଥିଲେ। ଫଳରେ ବୈଠକ ସରିବା ପରେ ବିଳମ୍ବିତ ରାତ୍ରିରେ ସେମାନଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଭାଇ ହରିଶଙ୍କ ସହ ଭାଉଜ ସଞ୍ଜୁ ବିଶ୍ୱାଳ ଏବଂ ଝିଆରୀ ମିଶି ଉର୍ମିଳାଙ୍କୁ ନିଘୁକ ମାଡ଼ ମାରିଥିଲେ। ଏତିକିରେ ବିବାଦ ଶେଷ ହୋଇ ନ ଥିଲା। ପରଦିନ ସେମାନେ ପୁନର୍ବାର ଉର୍ମିଳାଙ୍କୁ ପିଟାପିଟି କରିଥିଲେ। ଫଳରେ ଉର୍ମିଳାଙ୍କ ମୃତ୍ୟୁ ହୋଇଯାଇଥିଲା। ଏ ନେଇ ଥାନାରେ ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିବା ପୋଲିସ ସୂଚନା ଦେଇଛି।

## ଫାଣ୍ଡି ନିମନ୍ତେ ଜାଗା ଚିହ୍ନଟ



ପୋଲିସ ଓ ପ୍ରଶାସନିକ ଅଧିକାରୀମାନେ ଜାଗା ଚିହ୍ନଟ କରୁଛନ୍ତି।

**ପାଲଲହଡ଼ା,୪।୭(ଡି.ଏନ.ଏ.)**

ପାଲଲହଡ଼ା ଥାନା ଉପାନ୍ତ ଅଞ୍ଚଳରେ ଏକ ଫାଣ୍ଡି ଖୋଲିବା ପାଇଁ ପାଉଡି ଅଞ୍ଚଳର ଜମରଡିହଠାରେ ରବିବାର ପାଲଲହଡ଼ା ପ୍ରଶାସନ ପକ୍ଷରୁ ଜାଗା ଚିହ୍ନଟ କରାଯାଇଛି। ପ୍ରକାଶ ଯେ, ପାଲଲହଡ଼ା ଅଞ୍ଚଳରେ ଆଇନ ଶୃଙ୍ଖଳାକୁ ଆହୁରି ସୁଦୃଢ କରିବା ପାଇଁ ଜମରଡିହ ଗ୍ରାମଠାରେ ଏକ ଫାଣ୍ଡି ଖୋଲିବାକୁ ରାଜ୍ୟ ଗୃହ ବିଭାଗ ପକ୍ଷରୁ ଜିଲା ପୋଲିସ ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଥିଲା। ଉକ୍ତ ନିର୍ଦ୍ଦେଶ ମିଳିବା ପରେ ରବିବାର ଉପଖଣ୍ଡ ପୋଲିସ ଅଧିକାରୀ ସୁମନ ରଞ୍ଜିତା ସିଂ ଏବଂ ତହସିଲଦାର ସ୍ୱାଗତ ଦାଶଙ୍କ ନେତୃତ୍ୱରେ ଏକ ଟିମ୍ ଜମରଡିହ ଗ୍ରାମକୁ ଯାଇ ଗ୍ରାମବାସୀଙ୍କ ସହ ଆଲୋଚନା କରି କୁଞ୍ଜ ସାହିଠାରେ ଜାଗା ଚିହ୍ନଟ କରିଥିଲେ। ଏ ନେଇ ଏକ ରିପୋର୍ଟ ଜିଲା ପୋଲିସ ଅଧିକାରୀଙ୍କ ଜରିଆରେ ଗୃହ ବିଭାଗକୁ ପ୍ରଦାନ କରାଯିବ ବୋଲି ପୋଲିସ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ମୁକେଶ କୁମାର ପାଲ, ଥାନା ଅଧିକାରୀ କିଶୋର କୁମାର ସାମଲ, ଆରଆଇ ଇତିସ୍ମିତା ପାଣିଗ୍ରାହୀ ପ୍ରମୁଖ ସାମିଲ ଥିଲେ।

## ରେକ୍ ପଏଣ୍ଟ ପାଇଁ ଚିଠି ଲେଖିଲେ ବିଧାୟକ

**ଆଠମଲ୍ଲିକ,୪।୭(ଡି.ଏନ.ଏ.)**

ଅନୁଗୋଳ ଜିଲା ଜରପଡା ଥାନା କେର୍ଜେଙ୍ଗଠାରେ ସାର ପାଇଁ ରେକ ପଏଣ୍ଟ କରିବାକୁ ରବିବାର ରେଳମନ୍ତ୍ରୀ ପୀୟୂଷ ଗୋଏଲଙ୍କୁ ଚିଠି ଲେଖିଛନ୍ତି ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ। ଚିଠିରେ ବିଧାୟକ ଉଲ୍ଲେଖ କରିଛନ୍ତି, ଅନୁଗୋଳ ଜିଲାର ୮୨ ପ୍ରତିଶତ ଲୋକ ଚାଷ କାର୍ଯ୍ୟ କରନ୍ତି। ଏଥିପାଇଁ ସାରର ଚାହିଦା ବଢୁଛି। ମାତ୍ର ଆବଶ୍ୟକ ଅନୁସାରେ ସାର ମିଳୁନାହିଁ। ଚାଷ କାର୍ଯ୍ୟରେ ବ୍ୟବହୃତ ସାର ପାଇଁ ଜିଲାର ସାର ଡିଲରମାନେ ଏଠାରୁ ୧୫୦ କି.ମି. ଦୂର ସମ୍ବଲପୁର, କଟକର ରେକ ପଏଣ୍ଟ ଉପରେ ନିର୍ଭର କରୁଛନ୍ତି। ଫଳରେ ଠିକଣା ସମୟରେ ଅନୁଗୋଳର ଚାଷୀଙ୍କୁ ସାର ମିଳୁ ନାହିଁ। ଏଥିପାଇଁ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହେବା ସହ ଚାଷୀ ଅନେକ ଅସୁବିଧାର ସମ୍ମୁଖୀନ ହେଉଛି। ପୂର୍ବରୁ ରେକ ପଏଣ୍ଟ ପାଇଁ ବାରମ୍ବାର ଜିଲା ପ୍ରଶାସନ ଆଲୋଚନା କରିଥିଲେ ମଧ୍ୟ ଏଯାବତ କୌଣସି ସୁଫଳ ମିଳିନାହିଁ। ତୁରନ୍ତ ଅନୁଗୋଳ ଜିଲା କେର୍ଜେଙ୍ଗଠାରେ ଏକ ରେକ ପଏଣ୍ଟ ପାଇଁ ବିଧାୟକ ସାଏ ଚିଠିରେ ଉଲ୍ଲେଖ କରିଛନ୍ତି।

## ମିନି ଷ୍ଟାଡିୟମର ଭିତ୍ତିପ୍ରସ୍ତର



ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

**ଅନୁଗୋଳ ଅଫିସ,୪।୭**

ଅନୁଗୋଳ ପୌରାଞ୍ଚଳର ଟାଉନ ହାଇସ୍କୁଲ ଓ ଶିବା ଖେଳ ପଡିଆଠାରେ ୨୫ ଲକ୍ଷ ଟଙ୍କା ବ୍ୟୟରେ ମିନି ଷ୍ଟାଡିୟମର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ଏହି କାର୍ଯ୍ୟକ୍ରମରେ ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ ମୁଖ୍ୟଅତିଥି ଭାବେ ଯୋଗଦେଇ ଷ୍ଟାଡିୟମର ଶିଳାନ୍ୟାସ କରିଥିଲେ। ଏଠାରେ ମିନି ଷ୍ଟାଡିୟମ ନିର୍ମାଣ ପାଇଁ ଦୀର୍ଘ ଦିନ ହେଲା ଅଞ୍ଚଳବାସୀ ଦାବି କରି ଆସୁଥିଲେ।

ଏହି ଅବସରରେ ଟାଉନ ହାଇସ୍କୁଲ ପାଚେରି ନିର୍ମାଣ ପାଇଁ ବିଧାୟକଙ୍କ ଉନ୍ନୟନ ପାଣ୍ଠିରୁ ପ୍ରାୟ ୫ଲକ୍ଷ ଟଙ୍କା ପ୍ରଦାନ କରାଯିବ। ଏ ନେଇ ବିଧାୟକ ସିଂହ ଅଞ୍ଚଳବାସୀଙ୍କୁ ପ୍ରତିଶ୍ରୁତି ଦେଇଥିବା ସୂଚନା ମିଳିଛି। ଏହି ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ଅନୁଗୋଳ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ, ଜିଲା ବିଜେଡି ସଭାପତି ମହେନ୍ଦ୍ର ବସ୍ତିଆ, ଯୁବ ନେତା ଅରୁଣାଭ ସିଂହ, ରାଜ୍ୟ ଯୁବ ବିଜେଡି ଉପସଭାପତି ସୁଜିତ ଦ୍ୱିବେଦୀ, ଜିଲା ଯୁବ ବିଜେଡି ଉପ ସଭାପତି ସରୋଜ ନାଏକ, ଅନୁଗୋଳ ପୌର ଯୁବ ବିଜେଡି ସଭାପତି ବିଶ୍ୱରଞ୍ଜନ ସାହୁ, ଅନୁଗୋଳ ବ୍ଲକ ଯୁବ ବିଜେଡି ସଭାପତି ରାକେଶ ନନ୍ଦ, ଜିଲା ଛାତ୍ର ବିଜେଡି ସଭାପତି ରାଜୀବ ଲୋଚନ ଦାସ, ଅନୁଗୋଳ ପୌରପାଳିକା ଛାତ୍ର ବିଜେଡି ସଭାପତି ଦେବବ୍ରତ ନାଏକ, ଅଜିତ ଦ୍ୱିବେଦୀ, ସତ୍ୟାନନ୍ଦ ଦଳବେହେରା, ଉଲ୍ଲାସ ସାହୁ, ବୃନ୍ଦାବନ ସ୍ୱାଇଁ, ଗୋପବନ୍ଧୁ ନାଏକ, ପ୍ରିନ୍ସ ଓ ପ୍ରିନ୍ସ କ୍ଲବ ସଦସ୍ୟ ଅନୀଲ ଦଳବେହେରା, ବଳରାମ ଜେନା, ଜ୍ୟୋତିରଞ୍ଜନ ସାହୁ, ସୁନୀଲ ଦାସ, ବୀରେନ୍ଦ୍ର ନାଏକ, ଶୁଭ୍ରାଂଶୁ ସାହୁ, ଚନ୍ଦନ ଦାସ, ସ୍ମିତାରଣୀ ଦଳବେହେରା ଉପସ୍ଥିତ ଥିଲେ।

## ଚୋରି ଅଭିଯୋଗରେ ୪ ଗିରଫ



ଚୋରି ଅଭିଯୋଗରେ ଗିରଫ ୪ ଅଭିଯୁକ୍ତ।

**ବଇଣ୍ଡା,୪।୭(ଡି.ଏନ.ଏ.)**

କିଶୋରନଗର ବ୍ଲକ ହଣ୍ଡପା ଥାନା ବଇଣ୍ଡା ଅଞ୍ଚଳରୁ ଗତ ୨୭ ତାରିଖରେ ମାଟି ଖୋଳି ବିଏସ୍ଏନ୍ଏଲ୍‌ର ୧୦୦ ମିଟର କେବୁଲ ଚୋରି କରାଯାଇଛି। ଏ ନେଇ ଅନୁଗୋଳ ବିଏସ୍ଏନ୍ଏଲ୍ ଏସ୍‌ଡିଓ ସଞ୍ଜୟ ବେହେରା ବଇଣ୍ଡା ଫାଣ୍ଡିରେ ଅଭିଯୋଗ କରିଛନ୍ତି। ପୋଲିସ ନଂ. ୧୫୮/୨୧ରେ ଏକ ମାମଲା ରୁଜୁ କରି ୪ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ନୁନୁକାପଶି ଗ୍ରାମର ବେଡିଖିଆ ପ୍ରଧାନ(୩୯), କିଶୋରୀ ଦେହୁରି (୨୭) ବ୍ୟବସାୟୀ ବିଷ୍ଣୁଚରଣ ସାହୁ(୪୨), ଢେଙ୍କାନାଳ ଜିଲା ଓଉଖମା ଗ୍ରାମର ବ୍ୟବସାୟୀ ଧ୍ରୁବଚରଣ ସାହୁ (୬୨)। ସେମାନଙ୍କଠାରୁ ଚୋରି ହୋଇଥିବା କେବୁଲର ତମ୍ବା ଜବତ କରାଯାଇଛି। ବଇଣ୍ଡା ଫାଣ୍ଡି ଅଧିକାରୀ ଅରୁଣ କୁମାର ପଣ୍ଡା କହିଛନ୍ତି, ବଇଣ୍ଡା ଅଞ୍ଚଳରେ ୫୫ ନମ୍ବର ଜାତୀୟ ରାଜପଥର ୪ ଲେନ୍ କାର୍ଯ୍ୟ ଚାଲିଛି। ରାସ୍ତା ପାର୍ଶ୍ୱରେ ବିଏସ୍ଏନ୍ଏଲ୍ ପକ୍ଷରୁ କେବୁଲ ବିଛାଯାଉଥିବା ବେଳେ ବେଡିଖିଆ ଓ କିଶୋରୀ ରାତିରେ ମାଟି ଖୋଳି କେବୁଲ ଚୋରି କରିବା ସହ ଏଥିରେ ଥିବା ତମ୍ବା ତାରକୁ ତରଳାଇ ବିଷ୍ଣୁଙ୍କ ଜରିଆରେ ଧ୍ରୁବଚରଣଙ୍କୁ ବିକ୍ରି କରିଥିଲେ। ଥାନାରେ ଅଭିଯୋଗକ୍ରମେ ପୋଲିସ ଓଉଖମା ଗ୍ରାମର ଧ୍ରୁବଚରଣଙ୍କ ଘର ଉପରେ ଚଢାଉ କରିଥିଲା। ଚୋରି ହୋଇଥିବା କେବୁଲ ତାରରେ ଥିବା ତମ୍ବା ଜବତ ସହ ଏଥିରେ ସମ୍ପୃକ୍ତ ଥିବା ୪ ଜଣଙ୍କୁ ଗିରଫ କରାଯାଇଛି। ଏଥିରେ ଆଉ କେତେଜଣ ଚୋରା ବ୍ୟବସାୟୀ ସମ୍ପୃକ୍ତ ଥିବା ବଇଣ୍ଡା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

## ସଫେଇ ବେଳେ ପୋଲିସ ସୁରକ୍ଷା

**ଅନୁଗୋଳ ଅଫିସ, ୪।୭**



- ବିଶୃଙ୍ଖଳା ଆଶଙ୍କାରେ ଠିଆ ହେଲା ପିସିଆର୍ ଭ୍ୟାନ୍
- ଅଳ୍ପ କର୍ମଚାରୀ, ମେଶିନ ଦ୍ୱାରା ଉଠିଲା ଆବର୍ଜନା
- ବିବାଦ ତୁଟୁ ନ ଥିବାରୁ କଳ୍ପନାଜଳ୍ପନା

ମେସିନ ସହାୟତାରେ ଆବର୍ଜନା ଟ୍ରାକ୍ଟରରେ ଲଦା ଯାଉଛି।

ଅନୁଗୋଳ ସହର ସଫେଇକୁ ନେଇ କିଛିଦିନ ହେଲା ବଢୁଥିବା ବିବାଦର ସମାଧାନ ହୋଇପାରି ନାହିଁ। ଫଳରେ ପୌରାଞ୍ଚଳରେ ସଫେଇ କାର୍ଯ୍ୟ ସ୍ୱାଭାବିକ ହୋଇପାରୁ ନାହିଁ। ଏ ନେଇ ସହରବାସୀ ଅସନ୍ତୋଷ ପ୍ରକାଶ କରୁଛନ୍ତି। ଶନିବାର ସଫେଇ କାର୍ଯ୍ୟ ଠିକା ନେଇଥିବା ସଂସ୍ଥାର ମାଲିକଙ୍କୁ ଡାକି ପୌରପାଳିକା ପକ୍ଷରୁ ତାଗିଦ୍ କରାଯାଇଥିଲା। ଏହାପରେ ଠିକା ସଂସ୍ଥାର ମାଲିକ ସଫେଇ କର୍ମଚାରୀ ଓ ପୋଲିସ ସହ ଆଲୋଚନା କରିଥିଲେ। ରବିବାର ଠାରୁ ସହର ସଫେଇ ହେବ ବୋଲି ପୌରପାଳିକା କାର୍ଯ୍ୟାଳୟ କାନ୍ଥରେ ନୋଟିସ୍ ମଧ୍ୟ ମରାଯାଇଥିଲା। ତେବେ ସଫେଇକୁ ନେଇ ନାନା ଆଶଙ୍କା ସୃଷ୍ଟି ହୋଇଥିବାରୁ ରବିବାର ପୋଲିସ ସୁରକ୍ଷା ମଧ୍ୟରେ କାର୍ଯ୍ୟ କରାଯାଇଥିବା ଦେଖାଯାଇଛି।

ରବିବାର ହାତ ଗଣତି କେତେଜଣ ନୂଆ ସଫେଇ କର୍ମଚାରୀ କାର୍ଯ୍ୟ କରିବାକୁ ଆସିଥିଲେ। ଆବଶ୍ୟକ କର୍ମଚାରୀ ତୁଳନାରେ ସଂଖ୍ୟା ଯଥେଷ୍ଟ କମ୍ ଥିବାରୁ ପୌରପାଳିକାର ଜେସିବି ଓ ଟ୍ରାକ୍ଟର କାର୍ଯ୍ୟରେ ଲଗାଯାଇଥିଲା। କାଳେ ଏହାକୁ କେହି ବିରୋଧ କରିବେ ସେହି ଆଶଙ୍କାରେ ଅନୁଗୋଳ ପୋଲିସ ପକ୍ଷରୁ ମଧ୍ୟ ସଫେଇ କାର୍ଯ୍ୟକୁ ସୁରକ୍ଷା ପ୍ରଦାନ କରାଯାଇଥିଲା। ସଫେଇ କର୍ମଚାରୀମାନେ ଯେଉଁ ସ୍ଥାନରେ କାର୍ଯ୍ୟ କରୁଥିଲେ, ସେଠାରେ ଅନୁଗୋଳ ଥାନା ପିସିଆର୍ ଭ୍ୟାନ୍ ପହଞ୍ଚି ଛିଡ଼ା ହେଉଥିଲା। ଅନ୍ୟପକ୍ଷରେ ରବିବାର ଥିବାରୁ ଅଧିକ ସଫେଇ କର୍ମଚାରୀ କାର୍ଯ୍ୟରେ ଯୋଗ ଦେଇନାହାନ୍ତି। ଠିକାସଂସ୍ଥା ପ୍ରତିଶ୍ରୁତି ଅନୁସାରେ ସୋମବାର ସେମାନେ ପୂର୍ବପରି କାର୍ଯ୍ୟରେ ଯୋଗଦେଇ ସହର ସଫେଇ କରିବେ କି ନାହିଁ ତାହାକୁ ନେଇ ନାନା କଳ୍ପନା ଜଳ୍ପନା ପ୍ରକାଶ ପାଇଛି। ସଫେଇ କର୍ମଚାରୀ ସଂଘର ୩ ଜଣଙ୍କୁ କାର୍ଯ୍ୟରୁ ବିଦା କରାଯାଇଥିବାରୁ କେତେଜଣ କର୍ମଚାରୀ କାର୍ଯ୍ୟରେ ଅସହଯୋଗ କରିବେ ବୋଲି ସହରରେ ଆଲୋଚନା ହେଉଛି। ତେବେ ସହର ସଫେଇ ଦାୟିତ୍ୱ ଠିକା ସଂସ୍ଥାର ହୋଇଥିବାରୁ କାର୍ଯ୍ୟ କିଭଳି ଠିକ୍ ଭାବେ କରାଯିବ ତାହା ଠିକା ସଂସ୍ଥାର ବୋଲି ପୌରପାଳିକା ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

## ସଂକ୍ଷେପରେ

### ସାଇଶ୍ରୀ ରାଜ୍ୟ ମହିଳା ବିଜେଡି ଉପସଭାନେତ୍ରୀ



**ଢେଙ୍କାନାଳ ଅଫିସ, ୪।୭:** ଢେଙ୍କାନାଳ ଜିଲାର ବରିଷ୍ଠ ବିଜେଡି ନେତ୍ରୀ ତଥା ଆଇନଜୀବୀ ସାଇଶ୍ରୀ ପଟ୍ଟନାୟକଙ୍କୁ ରାଜ୍ୟ ମହିଳା ବିଜେଡି ଉପସଭାନେତ୍ରୀ ଭାବେ ନିଯୁକ୍ତି ମିଳିଛି। ଏଥିଲାଗି ସେ ଦଳୀୟ ନେତା ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ରାଜ୍ୟ ମହିଳା ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ଏମ୍‌ପି ମହେଶ ସାହୁ, ବିଧାୟକ ସୁଧୀର କୁମାର ସାମଲ, ଡ. ନୃସିଂହ ଚରଣ ସାହୁ, ବିଧାୟିକା ସାମାରାଣୀ ନାୟକ ଏବଂ ପର୍ଯ୍ୟବେକ୍ଷକ ବିଜୟ କୁମାର ନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି। ରାଜ୍ୟରେ ଦଳର ମହିଳା ସଙ୍ଗଠନକୁ ସୁଦୃଢ଼ କରିବା, ସରକାରଙ୍କ ଜନହିତକର ଯୋଜନା ଲୋକଙ୍କ ନିକଟରେ ପହଞ୍ଚାଇବା ଲାଗି ଗୁରୁତ୍ୱ ଦେବେ ବୋଲି ସାଇଶ୍ରୀ ନିଜ ପ୍ରତିକ୍ରିୟାରେ କହିଛନ୍ତି।

### ୮୫ ଆକ୍ରାନ୍ତ, ୩୬ ସୁସ୍ଥ

**ଢେଙ୍କାନାଳ ଅଫିସ, ୪।୭:** ଢେଙ୍କାନାଳ ଜିଲାରୁ ଗତ ୨୪ ଘଣ୍ଟା ମଧ୍ୟରେ ୮୫ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ୩୬ଜଣ ସୁସ୍ଥ ହୋଇଛନ୍ତି। ସେହିପରି ୨ ସଂକ୍ରମିତଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ କଙ୍କଡ଼ାହାଡ଼ ବ୍ଲକର ୪୬ ବର୍ଷୀୟ ଜଣେ ବ୍ୟକ୍ତି ଏବଂ ଓଡ଼ାପଡ଼ା ବ୍ଲକର ଜଣେ ୪୦ ବର୍ଷୀୟ ଯୁବକ ରହିଛନ୍ତି। ଏହାପରେ ଜିଲାର ମୋଟ୍ କୋଭିଡ୍‌ଜନିତ ମୃତ୍ୟୁସଂଖ୍ୟା ୭୪ରେ ପହଞ୍ଚିଛି। ରବିବାର ଚିହ୍ନଟ ହୋଇଥିବା ଆକ୍ରାନ୍ତଙ୍କ ମଧ୍ୟରେ ଢେଙ୍କାନାଳ ପୌରାଞ୍ଚଳର ୧୩, କାମାକ୍ଷାନଗର ବ୍ଲକର ୧୫, ଓଡ଼ାପଡ଼ା ବ୍ଲକର ୧୧, ଭୁବନ ବ୍ଲକର ୧୧, ସଦର ବ୍ଲକର ୧୧, ଗଁଦିଆ ବ୍ଲକର ୭, ପରଜଙ୍ଗ ବ୍ଲକର ୬, ହିନ୍ଦୋଳ ବ୍ଲକର ୩, କାମାକ୍ଷାନଗର ଏନ୍‌ଏସିର ୩, କଙ୍କଡାହାଡ ବ୍ଲକର ୨, ଭୁବନ ଏନ୍‌ଏସିର ୧ ଏବଂ ଅନ୍ୟ ଚିକିତ୍ସାଳୟର ୨ଜଣ ରହିଛନ୍ତି। ଜିଲାରେ ସକ୍ରିୟ ରୋଗୀଙ୍କ ସଂଖ୍ୟା ୭୮୫ ଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ମୋ ସ୍କୁଲ ଅଭିଯାନ ବୈଠକ

**ଢେଙ୍କାନାଳ ଅଫିସ, ୪।୭:** ଢେଙ୍କାନାଳ ପୌରାଞ୍ଚଳ ଦେଉଳସାହିସ୍ଥିତ ଜୁବିଲି ଟାଉନ୍ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମୋ ସ୍କୁଲ ଅଭିଯାନ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ସଂସଦର ମିଳିତ ଉଦ୍ୟମରେ ସ୍କୁଲ୍ ପ୍ରାଙ୍ଗଣରେ ଏକ ସାଧାରଣ ସଭା କୋଭିଡ୍-୧୯ର ନିୟମକୁ ପାଳନ କରି ଆୟୋଜିତ ହୋଇଥିଲା। ଏମ୍‌ପି ମହେଶ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ୧୯୫୩ରୁ ପ୍ରତିଷ୍ଠିତ ଏହି ସ୍କୁଲ ବହୁ ପ୍ରତିଭାଙ୍କୁ ଜନ୍ମ ଦେଇଛି। ସମସ୍ତେ ଏକାଠି ହୋଇ ଶିକ୍ଷାନୁଷ୍ଠାନର ବିକାଶମୂଳକ କାର୍ଯ୍ୟକୁ ଆଗେଇ ନେବାରେ ସାହାଯ୍ୟ କଲେ ସୁଫଳ ନିଶ୍ଚିତ ମିଳିବ। ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ଶତପଥୀ, ପୁରାତନ ଛାତ୍ର ସଂସଦ ସଭାପତି ପରେଶ ଚନ୍ଦ୍ର ପଟ୍ଟନାୟକଙ୍କ ସମେତ ସ୍କୁଲର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ଥିଲେ।

# ସାଆନ୍ତଙ୍କ ସେବାରେ ସମର୍ପିତ

- ମହାପ୍ରଭୁଙ୍କ ଶ୍ରୀଅଙ୍ଗ ସେବକ ମହାପାତ୍ର ପରିବାର
- ପିଢ଼ି ପରେ ପିଢ଼ି କରିଚାଲିଛନ୍ତି ଶ୍ରୀ ବଳରାମ ମନ୍ଦିରରେ ସେବା
- କରୋନା ସମୟରେ ଶିଳ୍ପୀଙ୍କ କୌଳିକ ବୃତ୍ତି ପ୍ରଭାବିତ

ବିଶ୍ୱନିୟନ୍ତା ସେ। ତାଙ୍କ ଇସାରାରେ ପରିଚାଳିତ ହୁଏ ସାରା ବ୍ରହ୍ମାଣ୍ଡ। ଭାବର ଠାକୁର କାଳିଆ ସାଆନ୍ତଙ୍କ ସେବାରେ କ୍ଷଣିକ ପାଇଁ ଅଂଶୀଦାର ହେବାକୁ ଚାହିଁ ରହିଥା'ନ୍ତି କୋଟି କୋଟି ଭକ୍ତ। ତେବେ ସମସ୍ତଙ୍କ ଭାଗ୍ୟରେ ଏହା ଜୁଟେନି। ହେଲେ ଏଭଳି ଅନେକ ପରିବାର ଅଛନ୍ତି, ଯେଉଁମାନଙ୍କ ଜନ୍ମ କୋଟି ଓଡ଼ିଆଙ୍କ ପ୍ରାଣର ଦେବତା ମହାବାହୁଙ୍କ ସେବା ପାଇଁ। ଐତିହାସିକ ତଥା ପୁରାଣ ପ୍ରସିଦ୍ଧ ଢେଙ୍କାନାଳର ଆରାଧ୍ୟ ଦେବତା ଶ୍ରୀବଳରାମ ମନ୍ଦିରରେ ଅଣସର ନୀତି ତଥା ମହାପ୍ରଭୁଙ୍କ ଶ୍ରୀଅଙ୍ଗ ସେବାରେ ନିୟୋଜିତ ମହାପାତ୍ର ପରିବାର ଏହାର ଏକ ଉଦାହରଣ।

ଢେଙ୍କାନାଳ ଅଫିସ, ୪।୭
ରତନ ନାୟାର

ସ୍ନାନଯାତ୍ରାଠାରୁ ଆରମ୍ଭ ହୋଇଛି ବଡ଼ଦିଅଁଙ୍କ ଅଣସରନୀତି। ଜ୍ୱରରେ ଥରୁଥିବା କାଳିଆ ଠାକୁରଙ୍କ ଉପଶମ ପାଇଁ ମନ୍ଦିରରେ ଆରମ୍ଭ ହୋଇଛି ଗୁପ୍ତସେବା। ଢେଙ୍କାନାଳସ୍ଥିତ ଶ୍ରୀବଳରାମ ମନ୍ଦିରରେ ଅଣସର ଘରେ ଶ୍ରୀଜୀଉଙ୍କ ଏହି ନୀତିରେ ନିୟୋଜିତ ଅଛନ୍ତି ଓଡ଼ାପଡ଼ା ବ୍ଲକ ପଞ୍ଚୁପଟି ଗ୍ରାମର ବିଜୟ ମହାପାତ୍ର ଏବଂ ତାଙ୍କ ସାନ ଭାଇ ଦିଲୀପ ମହାପାତ୍ର। ବର୍ଷକୁ ଥରେ ଅଣସର ଘରେ ଠାକୁରଙ୍କ ଶ୍ରୀଅଙ୍ଗ ସେବା କରିବାର ସୌଭାଗ୍ୟ ମିଳୁଛି। ଏହା ଠାକୁରଙ୍କ ଆଶୀର୍ବାଦ ଛଡ଼ା ଅନ୍ୟ କିଛି ନୁହେଁ ବୋଲି ଭାବବିହ୍ୱଳ କଣ୍ଠରେ କୁହନ୍ତି ଦୁଇଭାଇ।

ଶିଳ୍ପୀ ଦିଲୀପ କୁହନ୍ତି, କେଉଁ ଆବହମାନ କାଳରୁ ତାଙ୍କ ପରିବାର ସଦସ୍ୟ ମୂର୍ତ୍ତି, ମନ୍ଦିର ନିର୍ମାଣ ସହ କାଠ କାମ କରି ଜୀବିକା ନିର୍ବାହ କରି ଆସୁଛନ୍ତି। ପ୍ରତିବର୍ଷ ଶ୍ରୀବଳରାମ ମନ୍ଦିରରେ ଅଣସର ନୀତି ସମୟରେ ପରିବାରର ଗୁରୁଦାୟିତ୍ୱ ବଢ଼ିଯାଏ। ବଡ଼ଭାଇ ବିଜୟ ଏବଂ ଅନ୍ୟ ସଦସ୍ୟମାନେ ଅଣସର ଘରେ ଠାକୁରଙ୍କ ଗୁପ୍ତସେବାରେ ନିୟୋଜିତ ହୋଇଥା'ନ୍ତି। ବାପା, ଜେଜେ ଏହି କାର୍ଯ୍ୟ କରୁଥିଲେ। ଏବେ ସ୍ୱତ୍ୱାଧିକାର ଆଧାରରେ ତାଙ୍କୁ ଶ୍ରୀଜୀଉଙ୍କ ସେବା କରିବାର ସୁଯୋଗ ମିଳିଛି। ଏହାକୁ ବାଦ୍‌ଦେଲେ ଅଣସର ସମୟରେ ପରମ୍ପରା ଅନୁଯାୟୀ ଅଞ୍ଚଳବାସୀ ଘରେ ପୂଜା କରୁଥିବା ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଏବଂ ଚକ୍ରରାଜ ସୁଦର୍ଶନଙ୍କ ପ୍ରତିମୂର୍ତ୍ତିଗୁଡ଼ିକ ରଙ୍ଗ କରିବାକୁ ମନ୍ଦିରକୁ ଆଣିଥାଆନ୍ତି। ପୀଠ ପରିସରରେ ଶୁଦ୍ଧପୂତ ଭାବେ ଏହି କାର୍ଯ୍ୟ କରାଯାଇଥାଏ ବୋଲି ଦିଲୀପ କହିଛନ୍ତି।

କରୋନା ସମୟରେ ଠାକୁରଙ୍କ ସେବା ଏବଂ ଜୀବନଜୀବିକା ସମ୍ପର୍କରେ ସୂଚନା ଦେଇ ଦିଲୀପ କୁହନ୍ତି, ମହାପ୍ରଭୁଙ୍କ ସେବା କରିବାର ସୁଯୋଗ ଭାଗ୍ୟରେ ଥିଲେ ମିଳେ। ମହାମାରୀ କାଳରେ ଯଦିଓ କୌଳିକ ବୃତ୍ତି ପ୍ରଭାବିତ ହୋଇଛି, ତଥାପି ମହାପ୍ରଭୁ ବଳରାମଙ୍କ କାର୍ଯ୍ୟରେ ସେ ଏବଂ ତାଙ୍କ ପରିବାର ସମର୍ପିତ। ଗତ ଦୁଇବର୍ଷ ହେଲା କରୋନା ପାଇଁ ମୂର୍ତ୍ତି ଓ ମନ୍ଦିର ନିର୍ମାଣ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଚଳିତ ବର୍ଷ ହାତଗଣତି ଶ୍ରଦ୍ଧାଳୁ ସେମାନଙ୍କ ବିଗ୍ରହ ଚିତ୍ରିତ କରିବା ଲାଗି ଦେଇଛନ୍ତି। ଦେବୋତ୍ତର ବିଭାଗ ପକ୍ଷରୁ ମିଳୁଥିବା ପାରିଶ୍ରମିକ ମଧ୍ୟ ଖୁବ୍ କମ୍। ତଥାପି ଜୀବନ ଥିବା ଯାଏ ତାଙ୍କ ପରିବାର ସଦସ୍ୟ ମହାପ୍ରଭୁଙ୍କ ସେବା କରିଚାଲିଥିବେ ବୋଲି ସେ କହିଛନ୍ତି।



ମନ୍ଦିର ପରିସରରେ ଶ୍ରୀଜୀଉଙ୍କ ବିଗ୍ରହକୁ ଦିଲୀପ ମହାପାତ୍ର ଚିତ୍ରିତ କରୁଛନ୍ତି।

### ଭାଗ୍ୟବାନ ମନେକରୁଛୁ



"ମହାପ୍ରଭୁ ବଳରାମଙ୍କ ଶ୍ରୀଅଙ୍ଗ ସେବାରେ ନିୟୋଜିତ ହେବାର ସୁଯୋଗ ପାଇ ଭାଗ୍ୟବାନ ମନେକରୁଛୁ। ସ୍ନାନପୂର୍ଣ୍ଣିମାଠାରୁ ଅଣସର ନୀତି ଶେଷ ହେବା ଯାଏ ପାଖାପାଖି ୧୫ ଦିନ ମନ୍ଦିରରେ ରହିବାକୁ ପଡ଼େ। ପୂର୍ବରୁ ବାପା, ଜେଜେ ଏହି କାର୍ଯ୍ୟ କରୁଥିଲେ। ଏବେ ଆମେ କରୁଛୁ। କରୋନା ପାଇଁ କୌଳିକ ବୃତ୍ତି ପ୍ରଭାବିତ ହୋଇଛି। ରାଜ୍ୟ ସରକାର ଶିଳ୍ପୀ ପରିବାର ପାଇଁ ଆଗେଇ ଆସିବା ଜରୁରୀ।
-ବିଜୟ ମହାପାତ୍ର, ଶିଳ୍ପୀ

### ବିଗ୍ରହଙ୍କୁ ନୂଆ ରୂପ ଦିଅନ୍ତି କାରିଗର



"ସ୍ନାନଯାତ୍ରା ପରେ ଶ୍ରୀଜୀଉମାନେ ଅଣସର ଘରକୁ ବିଜେ କରିଥାନ୍ତି। ଏହାପରେ ମହାପାତ୍ର ପରିବାରର ସଦସ୍ୟମାନେ ଶ୍ରୀବିଗ୍ରହଙ୍କ ସେବା, ରଙ୍ଗଲାଗି କରିବାକୁ ଆସିଥାଆନ୍ତି। ସେମାନେ ବିଗ୍ରହଙ୍କୁ ଚିତ୍ରିତ କରିବା ସହିତ ନୂଆ ରୂପ ଦେଇଥାଆନ୍ତି। କେଉଁ ଆବହମାନ କାଳରୁ ଏହି ପରମ୍ପରା ପ୍ରଚଳିତ। କୋଭିଡ୍ କଟକଣା ଭିତରେ ସମସ୍ତ କାର୍ଯ୍ୟ ଆଗେଇ ଚାଲିଛି।
-ବ୍ରଜବିହାରୀ ମହାପାତ୍ର, ପାଳିଆ ସେବକ

### ଖର୍ଚ୍ଚ ବହନ କରୁଛି ଦେବୋତ୍ତର ବିଭାଗ



"ସ୍ନାନପୂର୍ଣ୍ଣିମା ପରେ ଷଷ୍ଠୀଠାରୁ ଶିଳ୍ପୀମାନେ ମନ୍ଦିରରେ ପ୍ରବେଶ କରନ୍ତି। ନେତ୍ରୋତ୍ସବ ପର୍ଯ୍ୟନ୍ତ ସେମାନେ ପୀଠରେ ରହି ବିଗ୍ରହଙ୍କୁ ରଙ୍ଗଲାଗି କରିଥାଆନ୍ତି। ଦେବୋତ୍ତର ବିଭାଗ ପକ୍ଷରୁ ସେମାନଙ୍କୁ ଆବଶ୍ୟକ ସାମଗ୍ରୀ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ପ୍ରଦାନ କରାଯାଇଥାଏ।
-ପ୍ରଦ୍ୟୁମ୍ନ ତ୍ରିପାଠୀ,ଦେବୋତ୍ତର ନିରୀକ୍ଷକ

# 'ତଥ୍ୟ ସୁରକ୍ଷା ପାଇଁ କଡ଼ା ନିୟମ ଜରୁରୀ'

### ଆଇଆଇଏମ୍‌ସିରେ ଆଲୋଚନାଚକ୍ର

ଢେଙ୍କାନାଳ ଅଫିସ,୪।୭

ଡିଜିଟାଲ ଯୁଗରେ ସବୁଠୁ ଚାଲେଞ୍ଜ ହେଉଛି ଗୋପନୀୟତା। ଟେକ୍ନୋଲୋଜିର ଉନ୍ନତି ଫଳରେ ବ୍ୟକ୍ତିଗତ ତଥ୍ୟର ସୁରକ୍ଷା ନେଇ ବିପଦ ସୃଷ୍ଟି ହୋଇଛି। ଏହାକୁ ଦୃଷ୍ଟିରେ ରଖି ବହୁ ପାଶ୍ଚାତ୍ୟ ଦେଶରେ ତଥ୍ୟ ସୁରକ୍ଷା ନିୟମ କଡ଼ାକଡ଼ି କରାଯାଇଛି। ସେହିପରି ଭାରତରେ ମଧ୍ୟ ଏଭଳି ଏକ ଦୃଢ଼ ଆଇନ ଆଣିବାର ଆବଶ୍ୟକତା ରହିଛି ବୋଲି କହିଛନ୍ତି କିଟ୍ ସ୍କୁଲ ଅଫ୍ ମ୍ୟାନେଜମେଣ୍ଟର ଡିନ୍ ପ୍ରଫେସର ଏସ୍.ଏନ୍. ମିଶ୍ର। ଢେଙ୍କାନାଳସ୍ଥିତ ଭାରତୀୟ ଜନସଞ୍ଚାର ସଂସ୍ଥାନ (ଆଇଆଇଏମ୍‌ସି)ରେ ଶନିବାର ଅପରାହ୍ନରେ 'ଗୋପନୀୟତା, ସୁରକ୍ଷା ଏବଂ ନୀତି-ତଥ୍ୟ ସୁରକ୍ଷା ସମ୍ପର୍କିତ ଆଇନକୁ ନେଇ ବିଭିନ୍ନ ପ୍ରସଙ୍ଗ' ଶୀର୍ଷକ ଆଲୋଚନାଚକ୍ରରେ ଅଂଶଗ୍ରହଣ କରି ସେ ଏଭଳି ମତବ୍ୟକ୍ତ କରିଥିଲେ।

ପ୍ରଫେସର ମିଶ୍ର ଏ ପ୍ରସଙ୍ଗକୁ ବିଶ୍ୱସ୍ତରୀୟ ପ୍ରେକ୍ଷାପଟରେ ଆଲୋଚନା କରି କହିଲେ, ବ୍ୟକ୍ତିଗତ ଗୋପନୀୟତାର ଆବଶ୍ୟକତା ନେଇ କୌଣସି ଦ୍ୱନ୍ଦ୍ୱ ନାହିଁ। ଏକ ଗଣତାନ୍ତ୍ରିକ ଦେଶରେ ଏହା ବ୍ୟକ୍ତିର ମୌଳିକ ଅଧିକାର। ମାତ୍ର ଆଜିର ଦିନରେ ଟେକ୍ନୋଲୋଜିର ବିକାଶ ସହିତ ପ୍ରତ୍ୟେକଙ୍କ ହାତରେ ସ୍ମାର୍ଟଫୋନ ଏବଂ ଇଣ୍ଟରନେଟ୍ ସଂଯୋଗ ବଡ଼ ବିପଦ ସୃଷ୍ଟି କରିଛି। ସରକାର ଏ ନେଇ ବହୁ ଆଇନ ଆଣିଥିବା ବେଳେ ସାମାଜିକ ଗଣମାଧ୍ୟମ ସଂସ୍ଥାଗୁଡ଼ିକ ସହ ବିବାଦ ଲାଗି ରହିଛି। ଇଂଲଣ୍ଡରେ ତଥ୍ୟର ସୁରକ୍ଷା ନେଇ ସୁଦୃଢ଼ ଆଇନ ରହିଛି। ରୁଷୀୟ ନାଗରିକଙ୍କ ତଥ୍ୟ ଅନ୍ୟ କୌଣସି ଦେଶର ଲୋକେ ସଂଗ୍ରହ କରିପାରିବେ ନାହିଁ ବୋଲି ଆଇନ ରହିଛି। ସେହିପରି ଭାରତରେ ମଧ୍ୟ ଲୋକଙ୍କ ଗୋପନୀୟତାକୁ ଗୁରୁତ୍ୱ ଦେଇ ସରକାର ଦୃଢ଼ ଆଇନ ଆଣିବା ଦରକାର। ଏଥିସହ ଗୋପନୀୟତା ନାମରେ ଯେପରି ଜାତୀୟ ସୁରକ୍ଷା ପ୍ରତି କୌଣସି ବିପଦ ନ ଆସେ, ସେଥିପ୍ରତି ମଧ୍ୟ ଦୃଷ୍ଟି ଦେବା ଆବଶ୍ୟକ ବୋଲି ସେ କହିଥିଲେ।

ସଂସ୍ଥାନର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ମୃଣାଳ ଚାଟାର୍ଜୀ କହିଲେ, ଟେକ୍ନୋଲୋଜିର ବିକାଶ ପୂର୍ବରୁ ଗୋପନୀୟତା ପ୍ରସଙ୍ଗରେ ଆଲୋଚନା ହେଉ ନ ଥିଲା। ଡିଜିଟାଲ ଯନ୍ତ୍ରର ବ୍ୟାପକ ବ୍ୟବହାର ଏହି ସମସ୍ୟାକୁ ଛିଡ଼ା କରିଛି। ଆମେ ପ୍ରତ୍ୟେକେ ତୃତୀୟ ପକ୍ଷ ସହ ବ୍ୟକ୍ତିଗତ ତଥ୍ୟ ବାଣ୍ଟୁ, ଯାହା ଅନେକ ସମୟରେ ବିପଦ ଆଣୁଛି। ତେଣୁ ତଥ୍ୟର ସୁରକ୍ଷା ଜରୁରୀ ହୋଇପଡିଛି। ଆଲୋଚନାରେ ଦେଶର ବିଭିନ୍ନ ସ୍ଥାନରୁ ବହୁ ବୁଦ୍ଧିଜୀବୀ, ଗବେଷକ, ସଂସ୍ଥାନର ଅଧ୍ୟାପକ, କର୍ମଚାରୀ ଏବଂ ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ସହକାରୀ ପ୍ରଫେସର ଡ. ଜ୍ୟୋତିପ୍ରକାଶ ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

# ୬ ମାସରେ ଗିରଫ ହେଲେଣି ୪୧ ବ୍ରାଉନ୍ ସୁଗାର ବ୍ୟବସାୟୀ

ଭଦ୍ରକ ଅଫିସ,୪।୭

ଭଦ୍ରକ ସହର ଏବେ ଦିନକୁ ଦିନ ଧଳାଜହର (ବ୍ରାଉନସୁଗାର) କବ୍‌ଜାରେ। ଦୈନିକ ଚରମ୍ପା, ଅପର୍ତ୍ତିବିନ୍ଧା, ପୋଷ୍ଟଅଫିସ, ଥାନା ଛକ, ମେଡିକାଲ ନିକଟରେ ନିଶା ବ୍ୟବସାୟୀମାନେ ନିଜର କାୟା ବିସ୍ତାର କରିବାରେ ଲାଗିଛନ୍ତି। ଜିଲା ପୋଲିସ ଚଢ଼ାଉ କରି କିଛି ସ୍ଥାନରେ ସଫଳତା ପାଉଥିବା ବେଳେ ଅନେକାଂଶରେ ବିଫଳ ହେଉଛି।

ପୋଲିସ ରେକର୍ଡ଼ ମୁତାବକ ଜିଲାରେ ଗତ ଜାନୁୟାରୀଠାରୁ ଜୁନ୍ ମାସ ମଧ୍ୟରେ ମୋଟ ୧୭ଟି ମାମଲା ରୁଜୁ କରାଯାଇଥିବା ବେଳେ ୬ଟି ଥାନାରେ ୪୧ ଜଣଙ୍କୁ ଗିରଫ କରାଯାଇଛି। ମୋଟ ୨ କିଲୋ ୯୧୯ ଗ୍ରାମ ବ୍ରାଉନସୁଗାର ଜବତ ହୋଇଛି। ସେହିଭଳି ୩୦୦ କିଲୋ ୭୦୦ ଗ୍ରାମ୍ ଗଞ୍ଜେଇ ଜବତ କରାଯାଇଛି। ସର୍ବାଧିକ ଭଦ୍ରକ ଗ୍ରାମାଞ୍ଚଳ ଥାନା ଏରିଆରୁ ୨ କିଲୋ ୨୩୦ ଗ୍ରାମ୍ ବ୍ରାଉନସୁଗାର ଜବତ କରିଥିବା ବେଳେ ୨୩ ଜଣଙ୍କୁ ଗିରଫ କରାଯାଇଥିଲା। ସହରାଞ୍ଚଳ ପୋଲିସ ୨୮୩ ଗ୍ରାମ ବ୍ରାଉନସୁଗାର ଜବତ କରି ୯ ଜଣଙ୍କୁ ଗିରଫ କରିଥିଲା। ଏହାକୁ ରୋକିବା ନେଇ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଉଥିବା ଓ ଟିମ୍ ଗଠନ ପୂର୍ବକ ଚଢ଼ାଉ କରାଯାଉଥିବା ଏସ୍‌ପି ଚରଣ ସିଂ ମୀନା କହିଛନ୍ତି।

# ଇଲିଶି ବଦଳରେ ପଡୁଛି ତେଲିଆ



ଦୀଘା ମୁହାଣ ମାଛ ମାର୍କେଟ୍ ନିଲାମ କେନ୍ଦ୍ରରେ ତେଲିଆ ମାଛ।



### ୬୨ ପିସ୍ ମାଛକୁ ୧ କୋଟିରେ ନିଲାମ

ଭୋଗରାଇ, ୪।୭(ଡି.ଏନ.ଏ.)

ପାଗ ଅନୁକୂଳ ହେଉ ନ ଥିବାରୁ ସମୁଦ୍ରରେ ଧରାଦେଉନି ଇଲିଶି। ଗତ ୧୫ତାରିଖରୁ ମତ୍ସ୍ୟଜୀବୀଙ୍କ ପାଇଁ ସମୁଦ୍ରରୁ ନିଷେଧାଦେଶ ଉଠିବା ପରେ ଦୀଘା ଉପକୂଳରୁ ସହସ୍ରାଧିକ ମାଛଧରା ଟ୍ରଲର ଇଲିସି ସନ୍ଧାନରେ ତଲାସୀ ଜାରି ରଖିଛନ୍ତି। ହେଲେ ଦୁଇ ସପ୍ତାହ ପରେ ଇଲିସି ବଦଳରେ ତେଲିଆ ଭେକଟି ମାଛ ଜାଲରେ ଧରାପଡିଛି। ଏଥିସହିତ ବିଭିନ୍ନ ପ୍ରଜାତିର ଲୁଣିମାଛ ପ୍ରଚୁର ପରିମାଣରେ ବଜାରରେ ଆମଦାନୀ ହେଉଥିବାରୁ ମାଛର ମୂଲ୍ୟ ହ୍ରାସ ପାଇଛି। ଶନିବାର ଦୀଘା ଉପକୂଳରୁ ୨ଟି ଟ୍ରଲରରେ ୬୨ ପିସ୍ ତେଲିଆ ଭେକଟି ମାଛ ଧରାଯାଇ ଦୀଘା ମାଛ ଅଡ଼ତ (ମାର୍କେଟ୍)କୁ ଅଣାଯାଇ ବିକ୍ରି ପାଇଁ ନିଲାମ କରାଯାଇଥିଲା। ଏଥିରୁ ମେଲ ତେଲିଆ ମାଛକୁ କେଜି ପ୍ରତି ୧୩ହଜାରରେ ବିକ୍ରି କରାଯାଇଥିବା ବେଳେ ଫିମେଲ ତେଲିଆ ମାଛ କେଜି ପ୍ରତି ୬ହଜାର ଟଙ୍କାରେ ବିକ୍ରି ହୋଇଥିଲା। ଗୋଟିଏ ପିସ୍ ମାଛ ୨୩ରୁ ୨୪କେଜି ଓଜନର ହୋଇଥିବାରୁ କୋଲକାତାର ଦୁଇଟି କମ୍ପାନୀ ଏ ସମସ୍ତ ମାଛକୁ ୧କୋଟି ଟଙ୍କାରେ କିଣି ନେଇଥିଲେ। ଏହି ମାଛ ଔଷଧୀୟ କାର୍ଯ୍ୟରେ ବ୍ୟବହୃତ ହୋଇଥାଏ ବୋଲି କୁହାଯାଉଛି। ଅପରପକ୍ଷରେ ମୌସମୀ ବର୍ଷା ସାଙ୍ଗକୁ ପୂର୍ବାଳି ବାତ୍ୟା ହେଉ ନ ଥିବାରୁ ମତ୍ସ୍ୟଜୀବୀଙ୍କ ଜାଲରେ ଆଶାନୁରୂପ ଧରା ଦେଉନି ଇଲିଶି। ପାଗ ଅନୁକୂଳ ହେଲେ ଭାରତ ସୀମାନ୍ତ ବାଂଲାଦେଶ, ମିଆଁମାର ଗଭୀର ସମୁଦ୍ରରୁ ଚାଣ ଚାଣ ଇଲିସି ବଙ୍ଗ ଓ ଓଡ଼ିଶା ଉପକୂଳକୁ ଯାଆଁଳ ଛାଡ଼ିବା ସହିତ ନଦୀ ଓ ସମୁଦ୍ର ସଙ୍ଗମ ସ୍ଥଳକୁ ମଧୁର ଜଳପାନ କରିବାକୁ ଆସି ଜାଲରେ ଧରାପଡ଼ିବେ ବୋଲି ମତ୍ସ୍ୟଜୀବୀମାନେ ଆଶା ବାନ୍ଧିଛନ୍ତି। ଦୀଘାଠାରୁ ବାଲେଶ୍ୱର ଉପକୂଳ ଉଦୟପୁର, ତାଳସାରୀ, ରଣସିଂପୁର, କୀର୍ତ୍ତନିଆ, ଚୌମୁଖ, ଡଗରା, ବାହାବଳପୁର, କଷାଫଳ ଆଦି ମତ୍ସ୍ୟ ଅବତରଣ କେନ୍ଦ୍ରରେ ବିଭିନ୍ନ ପ୍ରଜାତିର ଲୁଣିମାଛ ନିଲାମ କରାଯାଉଥିବା ବେଳେ କରୋନା କାଳରେ ହାତବାନ୍ଧି ବସିଥିବା ମତ୍ସ୍ୟଜୀବୀମାନଙ୍କ ରୋଜଗାର ବାଟ ଫିଟୁଥିବାରୁ ସେମାନେ ଖୁସିବ୍ୟକ୍ତ କରିଛନ୍ତି। ମାଛ ମଧ୍ୟରେ ଶ୍ରେଷ୍ଠ ଇଲିସି ପ୍ରଥମେ ଦୁଇଦିନ ଆଶାତୀତ ଭାବେ ଜାଲରେ ଧରାଦେଇଥିଲା। ଏବେ ସମୁଦ୍ରରେ ଇଲିସି ଲୁଚକାଳି ଖେଳୁଛି।

# ଗୁରୁତରଙ୍କ ପାଇଁ ଦେଲେ ଅକ୍ସିଜେନ

ତାଳଚେର,୪।୭(ନି.ପ୍ର.)

କରୋନାରେ ସଂକ୍ରମିତ ହୋଇ କେହି ଅଭାବୀ, ଅସହାୟ ଘରେ ସଙ୍ଗରୋଧରେ ଥିଲେ ତାଙ୍କ ନିକଟରେ ପହଞ୍ଚାଯାଉଛି ଖାଦ୍ୟ। ଗାଁ ବିଶୋଧନ ପାଇଁ ଗ୍ରାମବାସୀ ଯୋଗାଯୋଗ କଲେ ସେମାନଙ୍କୁ ଯୋଗାଯାଉଛି ସହାୟତା। କେଉଁଠି ମାସ୍କ ବଣ୍ଟନ କରାଯାଉଛି ତ ଆଉ କେଉଁଠି ପିପିଇ କିଟ୍, ଅକ୍ସି ମିଟର ଓ ସାନିଟାଇଜର ପହଞ୍ଚାଇ କରୋନା ବିରୋଧି ଲଢ଼େଇକୁ ବଳ ଯୋଗାଯାଉଛି। ଏପରି କି ଗୁରୁତର ସଂକ୍ରମିତଙ୍କ ପାଇଁ ସକ୍ଷମ ଅନୁଯାୟୀ ଅକ୍ସିଜେନ ପ୍ରଦାନ କରାଯାଉଛି। ନିଜ ଆୟର କିଛି ଅଂଶରେ ଏପରି ସେବା କାର୍ଯ୍ୟ କରି ଅନୁଗୋଳ ଜିଲାରେ ବେଶ୍ ଚର୍ଚ୍ଚାକୁ ଆସିଛନ୍ତି ତାଳଚେର ଘଣ୍ଟପଡ଼ା ଗ୍ରାମର ବିଭୂତି ସାହୁ।

ବିଭୂତିଙ୍କ କହିବା ଅନୁଯାୟୀ, ଗତବର୍ଷ ଲକ୍‌ଡାଉନ ବେଳେ ତାଳଚେର ଷ୍ଟେଶନରେ ଦୟନୀୟ ଅବସ୍ଥାରେ ଥିବା କେତେଜଣ ଭିକାରୀଙ୍କୁ ସେ ଅର୍ଥ ପ୍ରଦାନ କରିଥିଲେ। କିନ୍ତୁ ସେମାନେ ଟଙ୍କା ନେବାକୁ ମନା କରିବା ସହ ଜୀବନ ରକ୍ଷା ପାଇଁ କିଛି ଖାଦ୍ୟ ଦେବାକୁ ଅନୁରୋଧ କରିଥିଲେ। ଏହି ଘଟଣା ତାଙ୍କ ଭାବନାକୁ ବଦଳାଇ ଦେଇଥିଲା। ପାଖରେ ଖାଦ୍ୟ ସାମଗ୍ରୀ ନ ଥିବାରୁ ସେ ତୁରନ୍ତ ଘରକୁ ଆସି କିଛି ଶୁଖିଲା ଖାଦ୍ୟ ନେଇ ସେମାନଙ୍କୁ ପ୍ରଦାନ କରିଥିଲେ। କରୋନା ଓ ଲକ୍‌ଡାଉନ୍ ପାଇଁ ଗରିବ, ନିରାଶ୍ରୟ ଲୋକେ କେତେ ଅସହାୟ ହୋଇପଡ଼ିଛନ୍ତି ତାହା ସେ ଅନୁଭବ କରିଥିଲେ। ସେବେଠାରୁ ରୋଜଗାରର କିଛି ଅଂଶ ସେ ଏହି କାର୍ଯ୍ୟରେ ଖର୍ଚ୍ଚ କରିବେ ବୋଲି ନିଷ୍ପତ୍ତି ନେଇଥିଲେ। ତେଣୁ ଖବର ପାଇବା ମାତ୍ରେ ଭୋକିଲା ଲୋକଙ୍କୁ ଖାଦ୍ୟ ଯୋଗାଇଦେବା ଠାରୁ ଆରମ୍ଭ କରି ଆର୍ଥିକ ସହାୟତା ଆଶା କରୁଥିବା ଗରିବଙ୍କୁ ଅର୍ଥ ପ୍ରଦାନ, ଅଗ୍ନି ବିପନ୍ନଙ୍କୁ ଜରିପାଲ, ରୋଗୀଙ୍କୁ ଚିକିତ୍ସା ସହାୟତା, କୋଭିଡ ଯତ୍ନ କେନ୍ଦ୍ରରେ ଗୁରୁତର ରୋଗୀଙ୍କ ପାଇଁ ଅକ୍ସିଜେନ ସିଲିଣ୍ଡର ପ୍ରଦାନ ଆଦି କାର୍ଯ୍ୟ କରି ଆସୁଛନ୍ତି। ତାଳଚେରର ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ସବ୍‌ଡିଭିଜନାଲ ରେଡ୍‌କ୍ରସକୁ ୩ ଗୋଟି ଏବଂ ଆଦର୍ଶ କୋଭିଡ କେୟାର ସେଣ୍ଟରକୁ ୨ଗୋଟି ଅକ୍ସିଜେନ ସିଲଣ୍ଡର ପ୍ରଦାନ କରିଥିବା ବିଭୂତି ପ୍ରକାଶ କରିଛନ୍ତି।



ଉପଜିଲାପାଳଙ୍କ କାର୍ଯ୍ୟାଳୟଠାରେ ବିଭୂତି ଅକ୍ସିଜେନ ସିଲିଣ୍ଡର ପ୍ରଦାନ କରୁଛନ୍ତି।

# ବନ କର୍ମଚାରୀଙ୍କ ମାଡ଼ରେ ଯୁବକଙ୍କ ମୃତ୍ୟୁ

- ୨ଜଣଙ୍କ ନାମରେ ଥାନାରେ ଏତଲା ଦେଲେ ସ୍ତ୍ରୀ
- ଅଭିଯୋଗ ସତ୍ୟ ହୋଇଥିଲେ କାର୍ଯ୍ୟାନୁଷ୍ଠାନ: ରେଞ୍ଜର

କାମାକ୍ଷାନଗର, ୪।୭(ଡି.ଏନ.ଏ.)

ଜଙ୍ଗଲକୁ ଜାଳେଣି କାଠ ସଂଗ୍ରହ କରିବାକୁ ଯାଇଥିବାବେଳେ ବନ କର୍ମଚାରୀଙ୍କ ମାଡ଼ରେ ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ଜୟପୁରାକାଟେଣୀ ଗ୍ରାମର ବ୍ରହ୍ମାନନ୍ଦ ମଲ୍ଲିକ (୩୨)ଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ତାଙ୍କ ସ୍ତ୍ରୀ ସୁଭଦ୍ରା ରବିବାର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହି ଘଟଣାରେ ପଶ୍ଚିମାଞ୍ଚଳ ରେଞ୍ଜ ମୁକ୍ତାପଶି ବିଟ୍ ହାଉସର ବନ କର୍ମଚାରୀ କମ୍ପୁନାଥ ମଲ୍ଲିକ ଏବଂ ଅନନ୍ତ ସେନାପତି ସମ୍ପୃକ୍ତ ଥିବା ସେ ଏତଲାରେ ଦର୍ଶାଇଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ଗତ ଜୁନ୍ ୯ରେ ବ୍ରହ୍ମାନନ୍ଦ ଗ୍ରାମ ନିକଟ ଜଙ୍ଗଲକୁ ଜାଳେଣି କାଠ ସଂଗ୍ରହ କରିବାକୁ ଯାଇଥିଲେ। ସେଠାରେ ତାଙ୍କୁ କମ୍ପୁନାଥ ଏବଂ ଅନନ୍ତ ନିସ୍ତୁକ ମାଡ଼ ମାରିଥିଲେ। ଘରକୁ ଫେରିବା ପରେ ବ୍ରହ୍ମାନନ୍ଦ ସମସ୍ତ ଘଟଣା କହିଥିଲେ। ଇତିମଧ୍ୟରେ ଗତ ୨୮ତାରିଖରେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ହଠାତ୍ ବିଗିଡ଼ିଯାଇଥିଲା। ତାଙ୍କୁ ତୁରନ୍ତ ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ୩୦ ତାରିଖରେ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ବନ କର୍ମଚାରୀଙ୍କ ମାଡ଼ରେ ସ୍ୱାମୀଙ୍କ ଆଭ୍ୟନ୍ତରୀଣ ଅଙ୍ଗରେ ଆଘାତ ଲାଗିଥିଲା। ହେଲେ ଭୟରେ ସୁଭଦ୍ରା ଏହି ଘଟଣା କାହାରିକୁ କହି ନ ଥିଲେ। ବ୍ରହ୍ମାନନ୍ଦଙ୍କ ମୃତ୍ୟୁ ପରେ ସମସ୍ତ ଘଟଣାବଳୀ ପରିବାର ଲୋକଙ୍କ ଆଗରେ ପ୍ରକାଶ କରିଥିଲେ। ସମ୍ପର୍କୀୟଙ୍କ ପରାମର୍ଶରେ ସେ ଥାନାରେ ଅଭିଯୋଗ କରିଥିବା କହିଛନ୍ତି।

ଏ ସଂକ୍ରାନ୍ତରେ କାମାକ୍ଷାନଗର ଥାନାଧିକାରୀ ସୁନୀଲ କୁମାର କର କୁହନ୍ତି, ଅଭିଯୋଗକୁ ଭିତ୍ତିକରି ମାମଲା ରୁଜୁ ହେବ। ଏସ୍‌ଆଇ ସୁଜ୍ଞାନ କୁମାର ବାରିକଙ୍କୁ ଘଟଣାର ତଦନ୍ତ ଦାୟିତ୍ୱ ଦିଆଯାଇଛି। ପ୍ରାଥମିକ ରିପୋର୍ଟ ମିଳିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ପଶ୍ଚିମାଞ୍ଚଳ ରେଞ୍ଜ ଅଧିକାରୀ ବିଭୁଦାନନ୍ଦ ମିଶ୍ର କୁହନ୍ତି, ଏହି ଘଟଣା ସମ୍ପର୍କରେ ସେ ଅବଗତ ନାହାନ୍ତି। ଯଦି ଏହା ସତ୍ୟ ହୋଇଥାଏ ତେବେ ପୋଲିସ ତଦନ୍ତ ଅନୁଯାୟୀ ଦୋଷୀଙ୍କୁ ଦଣ୍ଡ ମିଳିବ।




କାମାକ୍ଷାନଗର ଥାନାର ଦ୍ୱାରସ୍ଥ ହୋଇଥିବା ସୁଭଦ୍ରା ଏବଂ ତାଙ୍କ ସମ୍ପର୍କୀୟ।

